# NATIONAL NEWS BULLETIN (ODIA)

## 04th October' 2026

## Morning Bulletin : 7.15 a.m.

*****************************

## ମୁଖ୍ୟ ସମ୍ବାଦ

- ଅର୍ଥ ସମେତ ଅନ୍ୟ କେତେକ ବିଭିନ୍ନ କମିଟିର ପୁନର୍ଗଠନ କଲେ ଲୋକସଭା ବାଚସ୍ପତି ।
- ଦେଶରେ ଶାସ୍ତ୍ରୀୟ ଭାଷାର ଅଧ୍ୟୟନ ଲାଗି ୫ଟି ଉତ୍କର୍ଷ କେନ୍ଦ୍ର ସ୍ଥାପନକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଅନୁମୋଦନ ।
- ଆସନ୍ତାବର୍ଷ ଜାନୁୟାରୀରେ କୋଲ୍‌କାତାରେ ଅନୁଷ୍ଠିତ ହେବ ୧୯ତମ ପ୍ରବାସୀ ଭାରତୀୟ ଦିବସ ।
- ଆଜି ଉଦ୍‌ଯାପିତ ହେବ ଏସୀୟ କ୍ରୀଡ଼ା ୨୦୨୬ ।

ଏବଂ

- ପୁରୁଷ କ୍ରିକେଟ୍‌ର ଅନ୍ତିମ ମ୍ୟାଚରେ ଭାରତକୁ ୫ ୱିକେଟ୍‌ରେ ପରାସ୍ତ କଲା ୱେଷ୍ଟଇଣ୍ଡିଜ୍ ।

# ପାର୍ଲାମେଣ୍ଟ କମିଟି

ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିଭିନ୍ନ ମନ୍ତ୍ରଣାଳୟ ସମ୍ପର୍କିତ କେତେକ ସଂସଦୀୟ କମିଟିର ପୁନର୍ଗଠନ କରିଛନ୍ତି। ବିଜେପି ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଅର୍ଥ ସମ୍ପର୍କିତ ସଂସଦୀୟ କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏହି କମିଟିରେ ଲୋକସଭାର ୨୧ ଜଣ ଏବଂ ରାଜ୍ୟସଭାର ୧୦ ଜଣ ସଦସ୍ୟ ରହିଛନ୍ତି। କଂଗ୍ରେସ ସାଂସଦ ଶଶୀ ଥରୁରଙ୍କୁ ବୈଦେଶିକ ବ୍ୟାପାର ସମ୍ପର୍କିତ କମିଟିର ଅଧ୍ୟକ୍ଷ କରାଯାଇଛି। ଏହି କମିଟିରେ ମଧ୍ୟ ଲୋକସଭାର ୨୧ ଜଣ ଓ ରାଜ୍ୟସଭାର ୧୦ ଜଣ ସଦସ୍ୟ ରହିଛନ୍ତି।

ରେଳବାଇ ସମ୍ପର୍କିତ କମିଟିର ଅଧ୍ୟକ୍ଷ ଭାବେ ବିଜେପି ସାଂସଦ ସୁଧୀର ଗୁପ୍ତା ଓ ବିଜେପି ସାଂସଦ ଡ. କାକୋଲି ଘୋଷ ଦସ୍ତିଦାରଙ୍କୁ ରସାୟନ ଓ ସାର ସମ୍ପର୍କିତ କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି।

କଂଗ୍ରେସ ସାଂସଦ ଚରଣଜିତ ସିଂହ ଚନ୍ନୀ' କୃଷି, ପଶୁପାଳନ ଓ ଖାଦ୍ୟ ପ୍ରକ୍ରିୟାକରଣ ସମ୍ପର୍କିତ କମିଟିର ଅଧ୍ୟକ୍ଷ ହେବେ। ବିଜେପି ସାଂସଦ ରାଧାମୋହନ ସିଂହ ପ୍ରତିରକ୍ଷା ସମ୍ପର୍କିତ କମିଟିର ଅଧ୍ୟକ୍ଷ ହୋଇଛନ୍ତି।

ଜଳ ସମ୍ପଦ ସମ୍ପର୍କିତ କମିଟିର ଅଧ୍ୟକ୍ଷ ଭାବେ ବିଜେପି ସାଂସଦ ରାଜୀବ ପ୍ରତାପ ରୁଡିଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ସମ୍ପର୍କିତ କମିଟିର ଅଧ୍ୟକ୍ଷ ଭାବେ  କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକାଙ୍କୁ ଦାୟିତ୍ୱ ଦିଆଯାଇଛି । ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ସମ୍ପର୍କିତ

କମିଟିର ଅଧ୍ୟକ୍ଷ ଭାବେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କୁ ନିଯୁକ୍ତ କରାଯାଇଛି। ଏହି ସଂସଦୀୟ କମିଟଗୁଡ଼ିକର କାର୍ଯ୍ୟକାଳ ଗତମାସ ୨୬ ତାରିଖରୁ କାର୍ଯ୍ୟକାରୀ ହୋଇଛି ।

## ସେଣ୍ଟର - କ୍ଲାସିକାଲ ଲାଙ୍ଗୁଏଜେସ୍

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦେଶରେ ଶାସ୍ତ୍ରୀୟ ଭାଷା ଅଧ୍ୟୟନ ପାଇଁ ୫ଟି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାକୁ ଅନୁମୋଦନ କରିଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶସ୍ତ୍ରୀୟ ଭାଷା ଆସାମୀ, ବଙ୍ଗଳା, ମରାଠୀ, ପାଲି ଏବଂ ପ୍ରାକୃତ ଭାଷାର ଅଧ୍ୟୟନ ପାଇଁ ଏହି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା କରାଯିବ। ଆସାମର ତେଜପୁର ବିଶ୍ୱବିଦ୍ୟାଳୟ, ପଶ୍ଚିମବଙ୍ଗର ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ପୁଣେର ଡେକାନ୍ କଲେଜ୍ ପୋଷ୍ଟ-ଗ୍ରାଜୁଏଟ୍ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଗୁଜରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଏହି ୫ଟି କେନ୍ଦ୍ର ପ୍ରତିଷ୍ଠା ହେବ। ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଉନ୍ନତ ଶିକ୍ଷାଗତ ଗବେଷଣା, ଭାଷା ଓ ସାହିତ୍ୟିକ ଐତିହ୍ୟର ସଂରକ୍ଷଣ ଏବଂ ଡିଜିଟାଇଜେସନ୍ ସହିତ ଶାସ୍ତ୍ରୀୟ ଭାଷା ସମ୍ପର୍କିତ ଜ୍ଞାନର ବ୍ୟାପକ ପ୍ରସାର ପାଇଁ ଅନୁଷ୍ଠାନିକ ସହାୟତା ଯୋଗାଇ ଦିଆଯିବ । ଏହି ୫ଟି ଉତ୍କର୍ଷ କେନ୍ଦ୍ରର ପ୍ରତିଷ୍ଠା ଭାରତର ଶାସ୍ତ୍ରୀୟ

ଭାଷାଗୁଡ଼ିକର ଅଧ୍ୟୟନ, ଗବେଷଣା ଓ ସଂରକ୍ଷଣ ପାଇଁ ଅନୁଷ୍ଠାନିକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ବୋଲି କୁହାଯାଇଛି।

## ଏମ୍.ଇ.ଏ. - ପାକିସ୍ତାନ

ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମା ମଧ୍ୟ ଦେଇ ଅବୈଧ ଅନୁପ୍ରବେଶକୁ ନିରନ୍ତର ସୁବିଧା ଯୋଗାଇ ଦିଆଯାଉଥିବା ଅଭିଯୋଗରେ ଭାରତ' ପାକିସ୍ତାନ ହାଇକମିଶନରଙ୍କ ନିକଟରେ ଦୃଢ଼ ପ୍ରତିବାଦ ଜଣାଇଛି। ଏଥିସହ ପଞ୍ଜାବର ଫିରୋଜପୁର ସେକ୍ଟରରେ ଗତ ଶୁକ୍ରବାର ଅନ୍ତର୍ଜାତୀୟ ସୀମା ନିକଟରେ ଘଟିଥିବା ଏକ ଘଟଣା ସମ୍ପର୍କରେ ପାକିସ୍ତାନ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ଭାରତ ଖଣ୍ଡନ କରିଛି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ତିନି ଜଣ ପାକ୍ ନାଗରିକ ଭାରତୀୟ ଅଞ୍ଚଳକୁ ଅନୁପ୍ରବେଶ କରିଥିଲେ। ସୀମା ସୁରକ୍ଷା ବାହିନୀ ବାରମ୍ବାର ସେମାନଙ୍କୁ ପାକିସ୍ତାନ ଫେରିଯିବା ପାଇଁ ସତର୍କ କରାଯାଇଥିଲେ ମଧ୍ୟ ସେମାନେ ସୀମା ଆଡ଼କୁ ଅଗ୍ରସର ହୋଇଥିଲେ । ସୁରକ୍ଷା ଦୃଷ୍ଟିରୁ ବିଏସଏଫ୍ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ଘଟଣା ପାକିସ୍ତାନରୁ ସକ୍ରିୟ ଥିବା ସଶସ୍ତ୍ର ନିଶାଦ୍ରବ୍ୟ ଚୋରାଚାଲାଣକାରୀ ଗୋଷ୍ଠୀଙ୍କ ଦ୍ୱାରା ବାରମ୍ବାର ସୀମାପାର ଗତିବିଧିକୁ ଦର୍ଶାଉଛି।

ଭାରତ' ପାକିସ୍ତାନର ଏଭଳି ସୀମାପାର ଅନୁପ୍ରବେଶ, ନିଶାଦ୍ରବ୍ୟ ଚୋରାଚାଲାଣ ଏବଂ ଏଥିରେ ପାକିସ୍ତାନୀ ସୀମା ସୁରକ୍ଷା ବାହିନୀର ସମ୍ପୃକ୍ତି ନେଇ ତଦନ୍ତ କରି ପଦକ୍ଷେପ ନେବାକୁ କହିଛି। ଏଥିସହ ଅନ୍ତର୍ଜାତୀୟ ସୀମା ନିୟମ ଅନୁପାଳନ କରିବା, ଦ୍ୱିପାକ୍ଷିକ ବ୍ୟବସ୍ଥାଗୁଡ଼ିକର କଡ଼ାକଡ଼ି ପାଳନ କରିବା ଏବଂ ନିଜ ପଟରୁ ଅନଧିକୃତ ଗତିବିଧି ରୋକିବା ପାଇଁ ପଦକ୍ଷେପ ନେବାକୁ ଭାରତ ପାକିସ୍ତାନ ଉଚ୍ଚାୟୁକ୍ତଙ୍କ ନିକଟରେ ଦାବି କରିଛି ।

## ୟୁ.ଏସ୍. - ଇଣ୍ଡିଆନ୍ ପାଇଲଟ୍

ଫ୍ଲାଏଦୁବାଇ ବିମାନରେ ଆତଙ୍କବାଦୀ ଘଟଣା ରୋକିଥିବା ଭାରତୀୟ ପାଇଲଟ୍‌ଙ୍କ ସାହସକୁ ଆମେରିକାର ଉପ-ସଚିବ କ୍ରିଷ୍ଟୋଫର ଲାଣ୍ଡାଉ ପ୍ରଶଂସା କରିଛନ୍ତି । ସେ ଏକ ଆତଙ୍କବାଦୀ ଘଟଣାକୁ ରୋକିଥିବା ଭାରତୀୟ ପାଇଲଟ୍ ସ୍ମିତ ମାଛର୍ ଏବଂ ଅନ୍ୟମାନଙ୍କ ସାହସକୁ ସମ୍ମାନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ଶ୍ରୀ ଲାଣ୍ଡାଉ କହିଛନ୍ତି, ଫ୍ଲାଏଦୁବାଇର ଏଫ୍.ଜେଡ୍.-୧୦୭୩ ବିମାନ ଉଡ଼ାଉଥିବା ଭାରତୀୟ ପାଇଲଟ୍ ସ୍ମିତ ମାଛର

ବିଶ୍ୱର ସବୁଠାରୁ ଭୟାବହ ଆତଙ୍କବାଦୀ ଘଟଣା ମଧ୍ୟରୁ ଗୋଟିଏକୁ ରୋକିବାରେ ସଫଳ ହୋଇଛନ୍ତି । ୟୁଏଇର ଆଟର୍ଣ୍ଣି ଜେନେରାଲ୍ ହାମଦ ସୈଫ୍ ଅଲ୍ ଶମ୍ସିଙ୍କ ସୂଚନା ଅନୁସାରେ, ସହ-ପାଇଲଟ୍ କ୍ୟାପଟେନ୍ ମାଛରଙ୍କୁ ଆକ୍ରମଣ କରି ବିମାନକୁ ଧ୍ୱଂସ କରିବାକୁ ଉଦ୍ୟମ କରିଥିଲେ ।

## ପ୍ରବାସୀ ଭାରତୀୟ ଦିବସ

ପଶ୍ଚିମବଙ୍ଗର କୋଲକାତାରେ ଆସନ୍ତା ବର୍ଷ ଜାନୁଆରୀ ୭ରୁ ୯ ତାରିଖ ପର୍ଯ୍ୟନ୍ତ ୧୯ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଅନୁଷ୍ଠିତ ହେବ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ପଶ୍ଚିମବଙ୍ଗ ସରକାରଙ୍କ ସହଭାଗିତାରେ ଏହି ସମ୍ମିଳନୀ ଆୟୋଜନ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ମିଳନୀର ଉଦ୍‌ଘାଟନ କରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାର ପ୍ରଦାନ କରିବା ସହ ଉଦ୍‌ଯାପନୀ ଅଧିବେଶନରେ ଅଧ୍ୟକ୍ଷତା କରିବେ। ଏହି ସମ୍ମିଳନୀରେ ଯୁବ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ । ଏଥିରେ ବିଶ୍ୱର ବିଭିନ୍ନ ଦେଶରୁ ଭାରତୀୟ ବଂଶୋଦ୍ଭବ, ଯୁବ ପ୍ରବାସୀ ନେତୃତ୍ୱ, ଉଦ୍ୟୋଗୀ, ପେସାଦାର, ଶିକ୍ଷାବିତ୍, ଉଦ୍ଭାବକ ଏବଂ ଅନ୍ୟାନ୍ୟ ସହଭାଗୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୧୯୧୫ ମସିହା ଜାନୁଆରୀ ୯ ତାରିଖରେ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତ ଫେରିଥିବା ସ୍ମୃତିରେ ପ୍ରତିବର୍ଷ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଏ। ୧୯ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ପୂର୍ବବର୍ତ୍ତୀ ସମ୍ମିଳନୀଗୁଡ଼ିକର ସଫଳତାକୁ ଆଗେଇ ନେବା ସହ ଭାରତୀୟ ପ୍ରବାସୀ ସମୁଦାୟ ଏବଂ ଭାରତ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଆହୁରି ସୁଦୃଢ଼ କରିବ।

## ସ୍ପେଶାଲ ଷ୍ଟୋରୀ - କେମ୍ପେଗୌଡ଼ା ଏୟାରପୋର୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଅସାନ୍ତୁ ଜାଣିବା ଦେଶର ବେସାମରିକ ବିମାନ ଚଳାଚଳ ଭିତ୍ତିଭୂମିର ବିକାଶ ଏବଂ ବିମାନବନ୍ଦରଗୁଡ଼ିକରେ ବିଶ୍ୱସ୍ତରୀୟ ସୁବିଧା ସମ୍ପର୍କରେ ।

ବେଙ୍ଗାଲୁରୁର କେମ୍ପେଗୌଡ଼ା ଆନ୍ତର୍ଜାତିକ ବିମାନବନ୍ଦର ଆଜି ଦେଶ ଓ ବିଶ୍ୱର ବିଭିନ୍ନ ସ୍ଥାନକୁ ବେଙ୍ଗାଲୁରୁ ସହ ସଂଯୋଗ କରୁଥିବା ଏକ ପ୍ରମୁଖ ଯାତ୍ରୀ ଓ ମାଲ ପରିବହନ କେନ୍ଦ୍ରରେ ପରିଣତ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ବିମାନବନ୍ଦର ଦେଇ ୪ କୋଟି ୪୪ ଲକ୍ଷରୁ ଅଧିକ ଯାତ୍ରୀ ଯାତାୟାତ କରିଛନ୍ତି। ଏହି ସମୟରେ ଆନ୍ତର୍ଜାତିକ ଯାତ୍ରୀ ସଂଖ୍ୟା ପ୍ରାୟ ୨୪ ପ୍ରତିଶତ ବୃଦ୍ଧି ପାଇ ୭୨ ଲକ୍ଷରୁ ଅଧିକ ହୋଇଛି। ବିମାନ ଚଳାଚଳ କ୍ଷେତ୍ରରେ ମଧ୍ୟ ଏହି ବିମାନବନ୍ଦର ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଗତ ଆର୍ଥିକ ବର୍ଷରେ ପ୍ରାୟ ୨ ଲକ୍ଷ ୮୦ ହଜାର ବିମାନ ଚଳାଚଳ ରେକର୍ଡ କରାଯାଇଛି।

ମାଲ ପରିବହନ କ୍ଷେତ୍ରରେ ମଧ୍ୟ ବିମାନବନ୍ଦରଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ୨୦୨୫-୨୬ରେ ୫ ଲକ୍ଷ ୩୨ ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ ମାଲ ପରିବହନ ହୋଇଛି। ଏହା ବେଙ୍ଗାଲୁରୁର ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରକୁ ଦେଶ ତଥା ବିଦେଶର ପ୍ରମୁଖ ବଜାର ସହ ସଂଯୋଗ କରିବାରେ ସହାୟକ ହୋଇଛି। ଆଧୁନିକ ଚେକ୍-ଇନ୍ ବ୍ୟବସ୍ଥା, ଉନ୍ନତ ବ୍ୟାଗେଜ୍ ସୁବିଧା, ଫ୍ଲାଇଟ୍ ସୂଚନା ପ୍ରଦର୍ଶନ ବ୍ୟବସ୍ଥା, ଯାତ୍ରୀ ଲାଉଞ୍ଜ ଏବଂ ଆଧୁନିକ ଅଭ୍ୟନ୍ତରୀଣ ସାଜସଜ୍ଜା ଯାତ୍ରୀମାନଙ୍କୁ ଆକର୍ଷିତ କରୁଛି। ବିଶେଷକରି ବିମାନବନ୍ଦରର ଟର୍ମିନାଲ-୨ର ‘ଗାର୍ଡେନ୍ କନ୍ସେପ୍ଟ’ ଏହାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ।

ଯାତ୍ରୀ ସୁବିଧା, ଆଧୁନିକ ଭିତ୍ତିଭୂମି, ସ୍ୱତନ୍ତ୍ର ସ୍ଥାପତ୍ୟ ଶୈଳୀ ଓ କଡ଼ା ସୁରକ୍ଷା ବ୍ୟବସ୍ଥାର ସମନ୍ୱୟରେ କେମ୍ପେଗୌଡ଼ା ଆନ୍ତର୍ଜାତିକ ବିମାନବନ୍ଦର ବେଙ୍ଗାଲୁରୁ ସହରର ବୈଶିଷ୍ଟ୍ୟକୁ ପ୍ରତିଫଳିତ କରିବା ସହ ଦେଶର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଏକ ଆଧୁନିକ ଭିତ୍ତିଭୂମିର ଉଦାହରଣ ଭାବେ ଉଭା ହୋଇଛି ।

## ନୀତି - କୌଟିଲ୍ୟ କନ୍‌କ୍ଲେଭ୍

ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା କହିଛନ୍ତି, ଦ୍ରୁତଗତିରେ ବଦଳୁଥିବା ଭୂ-ରାଜନୈତିକ, ବୈଷୟିକ ଓ ଆର୍ଥିକ ପରିବେଶ ସହିତ ତାଳ ମିଳାଇ ନିୟାମକ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ହେବା ଆବଶ୍ୟକ । ସେ କହିଛନ୍ତି, ନୀତି ନିର୍ଦ୍ଧାରକଙ୍କ ସମ୍ମୁଖରେ ଆହ୍ୱାନ, ନିୟନ୍ତ୍ରଣ ଓ ଅଭିବୃଦ୍ଧି ମଧ୍ୟରୁ ଗୋଟିଏକୁ ବାଛିବା ନୁହେଁ; ବରଂ ଏଭଳି ନିୟମ ପ୍ରଣୟନ କରିବା ଆବଶ୍ୟକ, ଯାହା ପ୍ରତିବନ୍ଧକକୁ ଦୂରକରିବା ସହ ନବସୃଜନ, ପ୍ରତିଯୋଗିତା ଓ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବ ।

ନୂଆଦିଲ୍ଲୀରେ ଗତକାଲି ଅନୁଷ୍ଠିତ ପଞ୍ଚମ କୌଟିଲ୍ୟ ଅର୍ଥନୈତିକ ସମ୍ମିଳନୀରେ 'ରେଗୁଲେଟୋରି ଓଭରସାଇଟ୍ ଇନ୍ ଆନ୍ ଏଜ୍ ଅଫ୍ ଡିସରପ୍ସନ୍' ଶୀର୍ଷକ ଅଧିବେଶନରେ ଉଦ୍‌ବୋଧନ ଦେଇ ଶ୍ରୀ ଗୌବା ଏହା

କହିଛନ୍ତି। ସେ କହିଛନ୍ତି, ନିୟାମକ ବ୍ୟବସ୍ଥା ଆନୁପାତିକ ଓ ବିପଦଭିତ୍ତିକ ହେବା ଆବଶ୍ୟକ। ବିପଦର ପ୍ରକୃତି ଓ ତାହାର ପରିଣାମକୁ ଦୃଷ୍ଟିରେ ରଖି ନିୟାମକ ଆବଶ୍ୟକତା ନିର୍ଦ୍ଧାରଣ କରାଯିବା ଉଚିତ। ନୂଆ ଓ ଦ୍ରୁତ ବିକଶିତ ହେଉଥିବା କ୍ଷେତ୍ରରେ ହସ୍ତକ୍ଷେପ ପୂର୍ବରୁ ନୂଆ ନିୟମର ଆବଶ୍ୟକତା ରହିଛି କି ନାହିଁ, ନିୟାମକମାନେ ତାହାର ଯଥାର୍ଥ ମୂଲ୍ୟାଙ୍କନ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଶ୍ରୀ ଗୌବା ବ୍ୟବସାୟିକ କାର୍ଯ୍ୟକଳାପ ପାରମ୍ପରିକ ନିୟାମକ କ୍ଷେତ୍ରଗୁଡ଼ିକର ସୀମା ଅତିକ୍ରମ କରୁଥିବାରୁ, ବିଭିନ୍ନ ନିୟାମକ ସଂସ୍ଥା ମଧ୍ୟରେ ଅଧିକ ସମନ୍ୱୟର ଆବଶ୍ୟକତା ରହିଛି ବୋଲି କହିଛନ୍ତି ।

## ଏସିଆନ୍ ଗେମ୍ସ

ଜାପାନର ଆଇଚି-ନାଗୋୟାରେ ଦୁଇ ସପ୍ତାହରୁ ଅଧିକ ସମୟ ଧରି ଚାଲିଥିବା ଏସୀୟ କ୍ରୀଡ଼ା ୨୦୨୬ର ଆଜି ଉଦ୍‌ଯାପିତ ହେବ । ନାଗୋୟା ସିଟି ମିଜୁହୋ ପାର୍କ ଆଥଲେଟିକ୍ ଷ୍ଟାଡିୟମ୍‌ରେ ଏହି ସମାରୋହ ଅନୁଷ୍ଠିତ ହେବ। ଭାରତୀୟ ସମୟ ଅନୁସାରେ ସନ୍ଧ୍ୟା ୬ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ଏସୀୟ କ୍ରୀଡ଼ାରେ ଭାରତ ଚମତ୍କାର ପ୍ରଦର୍ଶନ କରି ଏପର୍ଯ୍ୟନ୍ତ ମୋଟ ୮୫ଟି ପଦକ ହାସଲ କରି ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି । ଭାରତ ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୭ଟି କାଂସ୍ୟ ପଦକ ଜିତିଛି।

ଉଦ୍‌ଯାପନୀ ସମାରୋହରେ ଭାରତର ମହିଳା ପତାକାବାହକ ଭାବେ ସୁଟିଂ ତାରକା ନୀରୁ ଧାଣ୍ଡା ନେତୃତ୍ୱ ନେବେ।

## କ୍ରିକେଟ୍

ପୁରୁଷ କ୍ରିକେଟ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ଭାରତ ୨-୧ରେ ଜିତିଛି। ଭାରତ ପ୍ରଥମ ଦୁଇଟି ମ୍ୟାଚ୍ ଜିତିଥିବା ବେଳେ ଗତକାଲି ନ୍ୟୁ ଚଣ୍ଡିଗଡ଼ଠାରେ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୫ ୱିକେଟ୍‌ରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ବିନିମୟରେ ୩୫୧ ରନ୍ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୪୮ ଓଭର ୨ ବଲ୍‌ରେ ୫ ୱିକେଟ୍ ହରାଇ ୩୫୨ ରନ୍ କରିଥିଲା।

*****